# NATIONAL NEWS BULLETIN (ODIA)
## 22 August - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଭାରତ ଆସନ୍ତାକାଲି ପାଳନ କରିବ ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସ ।

– ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ମୁଖ୍ୟ ସମାରୋହକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ବୈଶ୍ୱିକ ଆହ୍ୱାନର ମୁକାବିଲା କରିବା ପାଇଁ ଜାତିସଂଘ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଅନୁଷ୍ଠାନରେ ସଂସ୍କାରର ଆବଶ୍ୟକତା ରହିଛି; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପାଦନ କରିବାରେ ପର୍ଯ୍ୟବେକ୍ଷକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

- ଗାଜାରେ ଅସ୍ତ୍ରବିରତି ନେଇ ତେଲଅବିଭଠାରେ ଆଜି  ଅନୁଷ୍ଠିତ ହେବ ଇସ୍ରାଏଲର ଜାତୀୟ ସୁରକ୍ଷା କ୍ୟାବିନେଟ୍ ବୈଠକ ।

ଏବଂ

- ଓ୍ୱାକଅଫ୍ ସଂଶୋଧନ ବିଲ୍-୨୦୨୪ର ଆଲୋଚନା ପାଇଁ ଯୁଗ୍ମ ସଂସଦୀୟ କମିଟିର ପ୍ରଥମ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ।

## ଜିତେନ୍ଦ୍ର - ସ୍ପେସ୍ ଡେ

ଭାରତ ଆସନ୍ତାକାଲି ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସ ପାଳନ କରିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ମୁଖ୍ୟ ସମାରୋହକୁ ଉଦ୍‌ଘାଟନ କରିବେ । ଚଳିତବର୍ଷର ବାର୍ତ୍ତା ରହିଛି **ଚନ୍ଦ୍ରର ସ୍ପର୍ଶ ସହ -ଜୀବନର ଉତ୍କର୍ଷ - ଭାରତୀୟ ମହାକାଶର ଗାଥା ।** ଗତବର୍ଷ ଅଗଷ୍ଟ ୨୩ ତାରିଖରେ ଭାରତ ଚନ୍ଦ୍ରଯାନ-୩ ଅଭିଯାନରେ ବିକ୍ରମ ଲ୍ୟାଣ୍ଡରକୁ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଅବତରଣ କରାଇବାର ସଫଳତା ପରିପ୍ରେକ୍ଷୀରେ ଏହି ଦିବସ ପାଳନ କରାଯାଉଛି।

# ପିଏମ୍-ପୋଲାଣ୍ଡ ଭିଜିଟ୍

ଭାରତ ଏବଂ ପୋଲାଣ୍ଡ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ରଣନୈତିକ ଭାଗିଦାରୀରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଓ୍ୱାର୍ସରେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍‌ଡ ଟସ୍କଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ପ୍ରେସ୍ ବିବୃତିରେ ଏହା କହିଛନ୍ତି।

ଚଳିତ ବର୍ଷ ଉଭୟ ଦେଶ କୂଟନୈତିକ ସମ୍ପର୍କର ୭୦ତମ ବାର୍ଷିକୀ ପାଳନ କରୁଛନ୍ତି ବୋଲି ସେ କହିଛନ୍ତି। ଭାରତ-ପୋଲାଣ୍ଡ ସମ୍ପର୍କ ଗଣତନ୍ତ୍ର ଓ ଆଇନର ଶାସନ ଭଳି ମିଳିତ ମୂଲ୍ୟବୋଧ ଉପରେ ଆଧାରିତ ବୋଲି ସେ କହିଛନ୍ତି। ୪୫ ବର୍ଷ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ପୋଲାଣ୍ଡ ଗସ୍ତ କରିଥିବାରୁ ଆଜିର ଦିବସଟି ଭାରତ ଓ ପୋଲାଣ୍ଡ ସମ୍ପର୍କରେ ବେଶ୍ ଗୁରୁତ୍ୱପୂର୍ଣ୍ଣ  ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଟସ୍କ ଦୀର୍ଘ ଦିନ ଧରି ଭାରତର ବନ୍ଧୁ ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବାରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୨୨ରେ ୟୁକ୍ରେନ୍ ସଂଘର୍ଷ ସମୟରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିବାରେ ପୋଲାଣ୍ଡର ସହାୟତାକୁ ଭାରତବାସୀ କେବେ ବି ଭୁଲିପାରିବେ ନାହିଁ । ଉଭୟ ଦେଶ ପରସ୍ପର ମଧ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଘନିଷ୍ଠ ସମନ୍ୱୟ ରକ୍ଷା କରି ଆଗକୁ ବଢୁଛନ୍ତି। ବୈଶ୍ୱିକ ଆହ୍ୱାନର ମୁକାବିଲା କରିବା ପାଇଁ ଜାତିସଂଘ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଅନୁଷ୍ଠାନରେ ସଂସ୍କାରର ଆବଶ୍ୟକତା ରହିଛି ବୋଲି ଉଭୟ ପକ୍ଷ ସହମତ ହୋଇଥିବା ଶ୍ରୀ ମୋଦୀ କହିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଏବଂ ମେକ୍ ଫର୍ ୱାର୍ଲ୍ଡରେ ସାମିଲ ହେବା ପାଇଁ ସେ ପୋଲାଣ୍ଡ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି। ଜାନୁଆରୀ ୨୦୨୫ରେ ପୋଲାଣ୍ଡ ୟୁରୋପୀୟ ସଂଘର ସଭାପତି ଦାୟିତ୍ୱ ଗ୍ରହଣ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

ପୋଲାଣ୍ଡର ସମର୍ଥନ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଲୋଚନା ଏବଂ ପାରସ୍ପରିକ ବୁଝାମଣା ମାଧ୍ୟମରେ ବିଶ୍ୱରେ ଶାନ୍ତି ଓ ସ୍ଥିରତା ସ୍ଥାପନ ପାଇଁ ଭାରତ ସର୍ବଦା ଚେଷ୍ଟା କରିଆସୁଛି। ଏଥିପାଇଁ ଭାରତ ତା'ର ବନ୍ଧୁ ରାଷ୍ଟ୍ରସହ ଯଥାସମ୍ଭବ ସହଯୋଗ ରକ୍ଷା କରିବାକୁ ପ୍ରସ୍ତୁତ ବୋଲି ଶ୍ରୀ ମୋଦୀ କହିଛନ୍ତି। ୟୁକ୍ରେନ୍ ଓ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ସମସ୍ତଙ୍କ ପାଇଁ ଗଭୀର ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ଯୁଦ୍ଧ କ୍ଷେତ୍ରରେ କୌଣସି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ଭାରତ ଦୃଢ଼ ଭାବରେ ବିଶ୍ୱାସ କରେ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓ ଶ୍ରୀ ଟସ୍କ ଦ୍ୱିପାକ୍ଷୀକ ସମ୍ପର୍କର ସମୀକ୍ଷା କରିବା ସହ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଥିଲେ।

ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି, ଭୌଗୋଳିକ ପାର୍ଥକ୍ୟ, ଭିନ୍ନ ପରମ୍ପରା ଏବଂ ଇତିହାସ ସତ୍ତ୍ୱେ ଉଭୟ ପକ୍ଷ ପରସ୍ପରକୁ ଭଲ ଭାବରେ ବୁଝିଛନ୍ତି। ସେ କହିଛନ୍ତି, ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମଗ୍ର ବିଶ୍ୱ ପ୍ରଶଂସା କରୁଛି।

# ଇସି-ଅଭଜରଭର୍ସ ମିଟିଂ

ଜମ୍ମୁ-କଶ୍ମୀର ଏବଂ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ, ପୁଲିସ ପର୍ଯ୍ୟବେକ୍ଷକ ଏବଂ ବ୍ୟୟ ପର୍ଯ୍ୟବେକ୍ଷକଙ୍କ ଏକ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏହି ବୈଠକରେ ଯୋଗଦେଇ ପର୍ଯ୍ୟବେକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଭାରତୀୟ ପ୍ରଶାସନିକ ସେବା, ଭାରତୀୟ ପୋଲିସ ସେବା ଏବଂ ଭାରତୀୟ ରାଜସ୍ୱ ସେବା ଓ ଅନ୍ୟ କେତେକ କେନ୍ଦ୍ରୀୟ ସେବାର ୪୦୦ରୁ ଅଧିକ ଅଧିକାରୀ ଯୋଗଦେଇଥିଲେ।

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ଉଭୟ ରାଜ୍ୟରେ ନିର୍ବାଚନକୁ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବେ ସମ୍ପାଦନ କରିବାରେ ପର୍ଯ୍ୟବେକ୍ଷକମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ବିଧାନସଭା ନିର୍ବାଚନ ପାଇଁ ଜମ୍ମୁ-କଶ୍ମୀରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ୱାର୍ସର ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଛି । ଏହି ଅବସରରେ ପୋଲାଣ୍ଡର ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀ ମୋଦି ପୋଲାଣ୍ଡର ରାଷ୍ଟ୍ରପତି ଆନ୍ଦ୍ରେଜ ଡୁଡାଙ୍କୁ ସାକ୍ଷାତ କରିବେ । ସେ ଏହି ଗସ୍ତ ଅବସରରେ ସେଠାକାର ବ୍ୟବସାୟିକ ଗୋଷ୍ଠୀଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି ।

ଦୁଇ ଦେଶ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ନିମନ୍ତ୍ରଣକ୍ରମେ ୟୁକ୍ରେନରେ ପହଞ୍ଚିବେ ।

## ଇସ୍ରାଏଲ-ନ୍ୟାସନାଲ ସିକ୍ୟୁରିଟି ମିଟ୍

ଗାଜାରେ ଅସ୍ତ୍ରବିରତି ନେଇ ଇସ୍ରାଏଲର ଜାତୀୟ ସୁରକ୍ଷା କ୍ୟାବିନେଟ୍ ବୈଠକ ତେଲ ଅଭିବସ୍ଥିତ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ମୁଖ୍ୟାଳୟରେ ଅନୁଷ୍ଠିତ ହେବ ।

ଉଭୟ ଫିଲାଡେଲଫି ଏବଂ ନେତଜାରିମ କରିଡରରେ ଇସ୍ରାଏଲ ତା'ର ସୈନ୍ୟ ମୁତୟନ ଜିଦ୍‌ରେ ଅଟଳ ରହିଛି । ଫଳରେ ଚଳିତ ସପ୍ତାହରେ ଇଜିପ୍ଟର ମଧ୍ୟସ୍ଥତାରେ ହେବାକୁ ଥିବା  ଶାନ୍ତି ଆଲୋଚନା ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି । ନିକଟରେ ଆମେରିକାର

ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ୍' ଗାଜା ଷ୍ଟ୍ରିପ୍ ଏବଂ ଇଜିପ୍ଟ ମଧ୍ୟରେ ଥିବା ଫିଲାଡେଲ୍ଫି କରିଡରରୁ ସୈନ୍ୟ ପ୍ରତ୍ୟାହାର କରିବାକୁ ଇସ୍ରାଏଲ ସମ୍ମତି ପ୍ରଦାନ କରିଛି ବୋଲି କହିଥିଲେ । ହେଲେ ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏହାକୁ ଖଣ୍ଡନ କରିଛି ।

## ଜେପିସି-ଓ୍ୱାକଅଫ୍

ଓ୍ୱାକଫ୍ (ସଂଶୋଧନ) ବିଲ୍ ୨୦୨୪ ଆଲୋଚନା ପାଇଁ ଉପରେ ଯୁଗ୍ମ ସଂସଦୀୟ କମିଟିର ପ୍ରଥମ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ବିଜେପି ସାଂସଦ ଜଗଦମ୍ବିକା ପାଲଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଲୋକସଭାର ୨୧ ଜଣ ଓ ରାଜ୍ୟସଭାର ୧୦ ଜଣ ସଦସ୍ୟ ରହିଛନ୍ତି । ଲୋକସଭାରେ ଉପସ୍ଥାପନ ପରେ ଅଧିକ ବିଚାର ବିମର୍ଷ ପାଇଁ ଏହି ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଛି । ବୈଠକରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏବଂ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ଅଧିକାରୀମାନେ ଚିଠା ଆଇନରେ ପ୍ରସ୍ତାବିତ ବିଭିନ୍ନ ସଂଶୋଧନ ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଛନ୍ତି ।

ବୈଠକ ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପାଲ କହିଛନ୍ତି, ବିଲ୍‌ର ବ୍ୟବସ୍ଥା ଉପରେ ଆଲୋଚନା ବେଳେ ସଂଖ୍ୟାଲଘୁ ସଂଗଠନର

ଅଧିକରୁ ଅଧିକ ଲୋକଙ୍କୁ ସୁଯୋଗ ଦିଆଯିବ। ଏହି କମିଟି ସମସ୍ତ ୪୪ଟି ସଂଶୋଧନ ଉପରେ ଆଲୋଚନା କରିବ ଏବଂ ସଂସଦର ପରବର୍ତ୍ତୀ ଅଧିବେଶନରେ ଏହି ବିଲ୍ ପାରିତ ହେବାର ଆଶା କରାଯାଉଛି ବୋଲି ଶ୍ରୀ ପାଲ କହିଛନ୍ତି।

ୱାକଫ୍ (ସଂଶୋଧନ) ବିଲ୍, ୨୦୨୪ର ଉଦ୍ଦେଶ୍ୟ ହେଉଛି ତ୍ରୁଟିକୁ ଦୂର କରିବା ଏବଂ ୱାକଫ୍ ସମ୍ପତ୍ତିର ପ୍ରଶାସନ ଏବଂ ପରିଚାଳନାର ଦକ୍ଷତା ବୃଦ୍ଧି କରିବା । ବିଲ୍‌ରେ ୱାକ୍‌ଫ ଆଇନ, ୧୯୯୫ର ନାମ ପରିବର୍ତ୍ତନ କରି ଏକୀକୃତ ୱାକଫ୍ ପରିଚାଳନା, ସଶକ୍ତୀକରଣ, ଦକ୍ଷତା ଏବଂ ବିକାଶ ଆଇନ, ୧୯୯୫ ରଖାଯିବାର ପ୍ରସ୍ତାବ ରହିଛି।

## ଆର୍‌ଡିଏ-ଏମ୍ସ ଷ୍ଟ୍ରାଇକ କଲ୍ ଅଫ୍

ଅଖିଳ ଭାରତ ଆର୍ୟୁବିଜ୍ଞାନ ସଂସ୍ଥାନ- ଏମ୍ସ ଓ ଡାକ୍ତର ରାମ ମନୋହର ଲୋହିଆ ହସ୍ପିଟାଲର ଆବାସିକ ଡାକ୍ତର ସଂଘ ଧର୍ମଘଟ ପ୍ରତ୍ୟାହାର କରିଛନ୍ତି। ଏ ସଂକ୍ରାନ୍ତ ମାମଲା ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶକୁ ପାଥେୟ କରି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ କହିଛି। ଦେଶରେ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ଏବଂ ନିରାପତ୍ତା ନେଇ ସୁପ୍ରିମକୋର୍ଟଙ୍କ ପଦକ୍ଷେପ ପ୍ରଶଂସାଜନକ ବୋଲି ସଂଘ କହିଛି।

# ଇଣ୍ଡିଆ-ଆଫ୍ରିକା

ବାଣିଜ୍ୟ ସଚିବ ସୁନୀଲ ବର୍ଥୱାଲ କହିଛନ୍ତି, ଚାଉଳ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ମାଧ୍ୟମରେ ଆଫ୍ରିକାର ଖାଦ୍ୟ ଉପଲବ୍ଧତା ସୁନିଶ୍ଚିତ କରିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ। ସି.ଆଇ.ଆଇ ଇଣ୍ଡିଆ ଆଫ୍ରିକା ବିଜନେସ୍ କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ଅଧିବେଶନକୁ ସମ୍ବୋଧନ କରି ଶ୍ରୀ ବର୍ଥୱାଲ କହିଛନ୍ତି, ଆଫ୍ରିକାର ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବାରେ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅର୍ଥନୈତିକ ସମ୍ପର୍କ ସଚିବ ଦାମୁ ରବି କହିଛନ୍ତି, ଆଫ୍ରିକାରେ ସଡ଼କ, ରେଳପଥ, ବିଦ୍ୟୁତ ଶକ୍ତି ସମେତ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପରେ ଭାରତୀୟ କମ୍ପାନୀଗୁଡ଼ିକ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି।

ବୁରୁଣ୍ଡିର ଉପ ରାଷ୍ଟ୍ରପତି ପ୍ରୋସ୍ପର ବାଜୋମ୍ବାଞ୍ଜା କହିଛନ୍ତି, ବୁରୁଣ୍ଡିର ଅଭିବୃଦ୍ଧିରେ ଅର୍ଥନୈତିକ ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ। ଲାଇବେରିଆର ଉପରାଷ୍ଟ୍ରପତି ଜେରିମିଆ କପ୍‌ନ କୌଙ୍ଗ କୃଷି ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଭାରତକୁ ପ୍ରସ୍ତାବ ଦେଇଛନ୍ତି। ମରିସସର ଉପରାଷ୍ଟ୍ରପତି ମେରି ସିରିଲ୍ ଏଡି ବାଇସେଜୋନ୍ କହିଛନ୍ତି, ପୂର୍ବ ସଂସ୍କରଣ ପରି ଭାରତ-ଆଫ୍ରିକା କନ୍ କ୍ଲେଭ୍ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇଁ ଏକ ବଡ଼ ପଦକ୍ଷେପ। ଜିମ୍ବାୱେ ଉପରାଷ୍ଟ୍ରପତି ଡକ୍ଟର ସି.ଜି.ଡି.ଏନ୍ ଚିୱେଙ୍ଗା କହିଛନ୍ତି, ଅକ୍ଷୟ

ଶକ୍ତି, କୃଷି, ଖଣି, ମହାକାଶ ପ୍ରଯୁକ୍ତିବିଦ୍ୟା, ପରିବହନ, ଲଜିଷ୍ଟିକ୍ ଏବଂ ସ୍ୱାସ୍ଥ୍ୟସେବା ସମେତ ଅନ୍ୟାନ୍ୟ କ୍ଷେତ୍ରକୁ ଉପକୃତ କରିବା ପାଇଁ ଦୃଢ଼ ବିକାଶ ଯୋଜନା ପ୍ରସ୍ତୁତ କରିବା ଲକ୍ଷ୍ୟ ରଖାଯାଇଛି। ଗାମ୍ବିଆର ଉପରାଷ୍ଟ୍ରପତି ମହମ୍ମଦ ବି.ଏସ୍ ଜାଲୋ  ସମଗ୍ର ଆଫ୍ରିକାରେ ସ୍ଥାୟୀ ବିକାଶ ଦିଗରେ ଭାରତ ଏକ ପ୍ରମୁଖ ଅଂଶୀଦାର ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି।